## ସଂକ୍ଷେପରେ

### ଦନ୍ତା ଆକ୍ରମଣରେ ଗୁରୁତର ଯୁବକଙ୍କ ମୃତ୍ୟୁ

ପରଜଙ୍ଗ, ୧୭।୧୧(ଡି.ଏନ.ଏ.)-ହାତୀ ଆକ୍ରମଣରେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ପରଜଙ୍ଗ ବ୍ଲକ ପାଟରପଦା ଗ୍ରାମର ଦୁଃଶାସନ ଦାସ (୩୬)ଙ୍କ ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଗତ ୧୦ ତାରିଖରେ ପାଟରପଦା ମେଡିକାଲ ନିକଟରେ ଦୁଃଶାସନ ହାତୀ ଆକ୍ରମଣର ଶିକାର ହୋଇଥିଲେ। ସେ ଶୌଚ ହେବାକୁ ଯାଉଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କ ଡାହାଣ ଗୋଡ଼କୁ ଦାନ୍ତରେ ଭସି ଦେଇଥିଲା। ଏଥିସହ ଛାତି ଉପରେ ଗୋଡ଼ ପକାଇ ପଳାଇଥିଲା। ଏଥିରେ ତାଙ୍କ ପଞ୍ଜରାହାଡ଼ ଭାଙ୍ଗି ଯାଇଥିଲା। ତାଙ୍କୁ ପ୍ରଥମେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବେଲଟିକିରିରେ ପୁଣି ବାଛୁରି ମୃତ

ଢେଙ୍କାନାଳ ଅଫିସ, ୧୭।୧୧

ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ଗ୍ରାମରେ ରବିବାର ପୁଣି ଏକ ବାଛୁରିର ମୃତ୍ୟୁ ଘଟିଛି। ସପ୍ତାହକ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ଘଟଣା। ଅଞ୍ଚଳର ଗୋମହିଷାଦି ପ୍ରାଣୀଙ୍କ ନିକଟରେ ଅଜଣା ରୋଗ ବ୍ୟାପିବାରେ ଲାଗିଛି। ଅଧିକାଂଶ ଗୋରୁଙ୍କ ନିକଟରେ ରୋଗର ସମାନ ଲକ୍ଷଣ ଦେଖିବାକୁ ମିଳୁଛି, ଯାହା ଗୋ-ପାଳକଙ୍କ ଚିନ୍ତା ବଢ଼ାଇଛି। ପ୍ରଥମେ ବାଛୁରିର ମୃତ୍ୟୁ ପରେ ବଜବଜିଆ ରୋଗରେ ଏପରି ଗୋ-ମଡ଼କ ହେଉଥିବା ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ହେଲେ ପ୍ରାଣୀଧନ ଚିକିତ୍ସା ବିଭାଗ ପକ୍ଷରୁ ପେଟଜନିତ ରୋଗରୁ ବାଛୁରିର ମୃତ୍ୟୁ ଘଟିଥିବା ସ୍ପଷ୍ଟୀକରଣରେ କୁହାଯାଇଥିଲା। ରବିବାର ସହଦେବ ମାଝିଙ୍କ ବାଛୁରି ରୋଗାକ୍ରାନ୍ତ ହୋଇ ପ୍ରାଣ ହରାଇଛି। ଗ୍ରାମରେ ସ୍ଥାୟୀ ଭାବେ କୌଣସି ପ୍ରାଣୀଧନ ନିରୀକ୍ଷକ ରହୁନାହାନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରୋଗ ପ୍ରତିକାର ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବଳଭଦ୍ର ସାମଲ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

■ପାନୀୟଜଳ ଯୋଗାଣରେ ଅବ୍ୟବସ୍ଥା

# ପମ୍ପ ହାଉସ୍‌ରେ ତାଲା ଠୁଙ୍କି ପ୍ରତିବାଦ

ପରଜଙ୍ଗ, ୧୭।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁମୁସୀ ଗ୍ରାମରେ ପାଇପ ପାଣି ଯୋଗାଣରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ। ଏହାର ପ୍ରତିବାଦରେ ସେମାନେ ରବିବାର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପମ୍ପ ହାଉସରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଫଳରେ ପାଣି ଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

ଅଭିଯୋଗ ଅନୁଯାୟୀ, ଉଚ୍ଚ ପ୍ରାଥମିକ ସ୍କୁଲସାହିର ୧୦୦ରୁ ଊର୍ଦ୍ଧ୍ୱ ଏବଂ କୁମୁସୀ ଗ୍ରାମର ୫ଶହରୁ ଊର୍ଦ୍ଧ୍ୱ ପରିବାରଙ୍କୁ ଉକ୍ତ ପମ୍ପ ହାଉସରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉଛି। ଉଚ୍ଚ ପ୍ରାଥମିକ ସ୍କୁଲ ସାହି ଦେଇ ପାଇପ ବିଛାଯାଇଛି। ହେଲେ ୫୦ରୁ ଊର୍ଦ୍ଧ୍ୱ ପରିବାର ବେଆଇନ ଭାବେ ପାଇପ କଣା କରି ପମ୍ପ ଲଗାଇ ପାଣି ନେଉଛନ୍ତି। ଫଳରେ ତଳମୁଣ୍ଡକୁ ଠିକ୍ ଭାବେ ପାଣି ପହଞ୍ଚି ପାରୁନାହିଁ। ତୁରନ୍ତ ବେଆଇନ ପାଇପ୍ ସଂଯୋଗ କାଟିବା ସହ ଅନ୍ୟ ଏକ ପାଇପ୍ ବିଛାଇ ଜଳ ଯୋଗାଣ କରିବା ଦାବିରେ ରବିନାରାୟଣ ପଣ୍ଡା, ଦେବାଶିଷ ଧର, ଦିଲୀପ ମହାରଣା, ନରୋତ୍ତମ ମହାରଣା, ଅଜୟ ପାଣିଗ୍ରାହୀ, କୁଳମଣି ମହାରଣା, ନିନି ପଣ୍ଡା ପ୍ରମୁଖ ପମ୍ପ ହାଉସରେ ତାଲା ପକାଇ ଦେଇଥିଲେ। ଏହାର ସମାଧାନ ନ ହେବା ଯାଏ ତାଲା ଖୋଲିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଏ ନେଇ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ତ୍ରିଲୋଚନ ପ୍ରଧାନ କୁହନ୍ତି, ସେ ସମସ୍ୟା ପ୍ରତି ଅବଗତ ଅଛନ୍ତି। ନୂତନ ପାଇପ୍ ବିଛାଇବା ପାଇଁ ଅର୍ଥ ମଞ୍ଜୁର ହୋଇଛି। ହେଲେ ଦୁଇ ରାଜନୈତିକ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁ କାମ ହୋଇପାରୁନାହିଁ। ଏହାର ତୁରନ୍ତ ସମାଧାନ କରାଯିବ। ତାଲା ଖୋଲିବା ସହ ଏଥିରେ ସହଯୋଗ କରିବାକୁ ଗ୍ରାମବାସୀଙ୍କ ସହିତ ଆଲୋଚନା କରାଯିବ ବୋଲି ଯନ୍ତ୍ରୀ ସୂଚନା ଦେଇଛନ୍ତି।



ସାହିବାସୀ ପମ୍ପ ହାଉସରେ ତାଲା ପକାଇ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆରେ ଚଷା ଭାଇ ମୋ ବୋଲ ଶୁଣ !**
**ବେଳ ଥାଉଁ ଥାଉଁ ବୁଣିବୁ ଧାନ ।**

ପାଗ ଅନୁସାରେ ଚାଷବାସ କରାଯିବା ଉଚିତ୍। ସଠିକ୍ ସମୟରେ ଚାଷକାର୍ଯ୍ୟ ଆରମ୍ଭ କରାଗଲେ ଚାଷରୁ ଭଲ ଅମଳ ମିଳିବାର ସମ୍ଭାବନା ରହିଥାଏ। ପରନ୍ତୁ ଚାଷକାର୍ଯ୍ୟରେ ହେଳା କଲେ ଲାଭ ପରିମାଣ କମିଯାଇଥାଏ। ସଅଳ ଧାନ ବୁଣିବା ଲାଭପ୍ରଦ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଠଖଣ୍ଡି କାଠିକି ଷୋଳଖଣ୍ଡି ଯନ୍ତ୍ରୀ,**
**ଅବୁଝାମଣା ରାଇଜରେ ପାଳବିଣ୍ଡା ମନ୍ତ୍ରୀ,**
**ପାଳବିଣ୍ଡା ମନ୍ତ୍ରୀଙ୍କର ଗୋଟିଏ ଆଖି କଣା,**
**ଛାଡ଼ି ପଳାଇବା ଏ ରାଇଜ, କୋଦିଣ୍ଡା ବୁଝାମଣା ।**

ରାଜା ଯେପରି ବିଚାରଶୂନ୍ୟ, ନୀତିନିୟମ ଶୂନ୍ୟ, କିଛି ନ ବୁଝି ମନଇଚ୍ଛା ବିଚାର କରି ନିଷ୍ପତ୍ତି ନିଅନ୍ତି, ତାଙ୍କ ମନ୍ତ୍ରୀ ମଧ୍ୟ ତଦ୍ରୂପ। ସେ ରାଜାଙ୍କୁ ମଧ୍ୟ ଠିକ୍ ବାଟ ବତାଇବାକୁ ଅକ୍ଷମ। ପାଟିରୁ କାଳେ ଭୁଲ୍ କଥା ବାହାରିଯିବ, ରାଜା ଅସୁବିଧାରେ ପଡ଼ିଯିବେ, ସେଥିପାଇଁ ମନ୍ତ୍ରୀ ପାଟିରେ ଗୋଟିଏ ପାଳବିଣ୍ଡା ମାରିଥାନ୍ତି। ଯେଉଁ ଦେଶରେ ନୀତିନିୟମ ନ ଥାଏ ସେ ଦେଶରେ ସୁବିଚାର ମିଳିପାରି ନ ଥାଏ। ଏପରିସ୍ଥଳେ ସେ ଦେଶ ଛାଡ଼ି ଚାଲିଯିବା ଶୁଭଙ୍କର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ଜୟନ୍ତୀ ଉତ୍ସବରେ ସ୍ମୃତିଚାରଣ

# ‘ବିଧାନଚନ୍ଦ୍ର ବହୁମୁଖୀ ପ୍ରତିଭାର ଅଧିକାରୀ’

ଢେଙ୍କାନାଳ ଅଫିସ, ୧୭।୧୧

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ପରିସରରେ ରବିବାର ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ଡ. ବିଧାନ ଚନ୍ଦ୍ର ମିଶ୍ରଙ୍କ ୭୩ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଧାନ ଚନ୍ଦ୍ର ମିଶ୍ର ଥିଲେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ। ଜଣେ ଆଇନଜ୍ଞ, ଶିକ୍ଷାବିତ୍, ସାହିତ୍ୟିକ ଭାବେ ସେ ନିଜର ଛାପ ଛାଡ଼ିଛନ୍ତି। ସମାଜସେବାରେ ସେ ନିଜକୁ ଉତ୍ସର୍ଗୀକୃତ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଥିଲେ ବୋଲି ମତପ୍ରକାଶ ପାଇଥିଲା।

ବିଧାନ ମିଶ୍ର ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସଂସଦର ଉପଦେଷ୍ଟା ସୁକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାୟୀ ଲୋକ ଅଦାଲତର ସଦସ୍ୟ ପ୍ରଫେସର ହରେକୃଷ୍ଣ କର, ସମ୍ମାନିତ ଅତିଥି ମିଳିତ ବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ସଂସଦର ଉପସଭାପତି ସତ୍ୟସ୍ୱରୂପ ଦାସ, ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନର ସମ୍ପାଦକ ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇ ବିଧାନ ମିଶ୍ରଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ଡ. ମିଶ୍ରଙ୍କ ଧର୍ମପତ୍ନୀ ଶକୁନ୍ତଳା ମିଶ୍ର, ନାଟ୍ୟକାର ଦୀନେଶ ଦାସ, ସାମାଜିକ କର୍ମୀ ପ୍ରେମଶଙ୍କର ମିଶ୍ର, କଳାକାର ଅରବିନ୍ଦ ସାହୁ, ମାଇକ୍ରୋମିଡିଆ ନିର୍ଦ୍ଦେଶକ କବି ଅଭୟ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅଂଶୁମାନ ଭରଦ୍ୱାଜ, ଆଦିତ୍ୟାଂଶୁ ମିଶ୍ର, ଦେବାଶିଷ ମିଶ୍ର, ଦେବକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ଗଣମାଧ୍ୟମ ଜାଗ୍ରତ ପ୍ରହରି

ସାତମାଇଲ, ୧୭।୧୧(ଡି.ଏନ୍.ଏ.)

ଖଜୁରିଆକଟାସ୍ଥିତ ହିନ୍ଦୋଳ କଲେଜରେ ହିନ୍ଦୋଳ ସାମ୍ବାଦିକ ସଂଘ ପକ୍ଷରୁ ଶନିବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ମୁଖ୍ୟବକ୍ତା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅସିତ କୁମାର ଜେନାମଣି, ଜନତା କଲେଜ ପ୍ରାଧ୍ୟାପକ ମହେଶ୍ୱର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଗଣମାଧ୍ୟମ ହେଉଛି ଜାଗ୍ରତ ପ୍ରହରି। ସମାଜରୁ ଅନ୍ଧବିଶ୍ୱାସ, ଭେଦଭାବ ଦୂର କରିବାରେ ଗଣମାଧ୍ୟମ ପ୍ରତିନିଧିଙ୍କ ବଳିଷ୍ଠ ଅବଦାନ ରହିଛି। ହେଲେ ଏବେ ଗଣମାଧ୍ୟମର କଣ୍ଠରୋଧ କରିବାକୁ ଅପଚେଷ୍ଟା କରାଯାଉଛି। ବାହ୍ୟଚାପରୁ ମୁକ୍ତ ହୋଇ କଲମ ଚାଳନା କଲେ ଗଣମାଧ୍ୟମର ପଦମର୍ଯ୍ୟାଦା ବଢ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ଷେତ୍ରରେ ଗଣମାଧ୍ୟମ ପ୍ରତିନିଧିମାନେ ଭୋଗୁଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଧ୍ୟାପକ ଶଶଧର ବିଶ୍ୱାଳ, ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଜୟନ୍ତ ନାରାୟଣ ପତି, ଦିଲୀପ ଗଡ଼ନାୟକଙ୍କ ସମେତ ସଂଘର ସମସ୍ତ ସଦସ୍ୟ, କଲେଜର ଛାତ୍ରୀଛାତ୍ର ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ। ସମ୍ପାଦକ ପ୍ରଭାତ ରଞ୍ଜନ ପୃଷ୍ଟି, ସୁଶାନ୍ତ ପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଜ୍ରକାପ୍ତା ଉଦ୍ଧାର, ୪ ଗିରଫ



ପାଲଲହଡ଼ା, ୧୭।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ବନବିଭାଗ ପକ୍ଷରୁ ରବିବାର ଏକ ବଜ୍ରକାପ୍ତା ଉଦ୍ଧାର ସହ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଟାମୁଣ୍ଡ ଗାଁର ସନ୍ତୋଷ ମହାକୁଳ, କୈଳାସ ନାୟକ, ଟାଇଁସିରା ଗାଁର ଗଣନାଥ ନାୟକ ଏବଂ ଜଗମୋହନପୁର ମୁନା ମୁଣ୍ଡା। ଫେରାର ଥିବା ଅନ୍ୟଜଣେ ସହଯୋଗୀଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ବନବିଭାଗ କହିଛି। ସୂଚନା ମୁତାବକ, ପ୍ରାୟ ମାସେ ହେବ ଗିରଫ ବ୍ୟକ୍ତିମାନେ ଏହି ବଜ୍ରକାପ୍ତାକୁ ଜଙ୍ଗଲରୁ ଧରି ଘରେ ରଖି ବିକ୍ରିକରିବା ପାଇଁ ଯୋଜନା କରୁଥିଲେ। ଖବରପାଇ ବିଭାଗୀୟ କର୍ମଚାରୀମାନେ ବେପାରୀ ଭାବେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଉଦ୍ଧାର ବଜ୍ରକାପ୍ତାର ଓଜନ ୧୦ କେଜି ହେବ ବୋଲି ଜଣାପଡିଛି। ବଜ୍ରକାପ୍ତାର ଡାକ୍ତରୀ ପରୀକ୍ଷା ପରେ ଏହାକୁ ଜଙ୍ଗଲରେ ଛଡ଼ାଯିବ କି ନନ୍ଦନକାନନକୁ ନିଆଯିବ ସେ ନେଇ ନିଷ୍ପତ୍ତି ନିଆଯିବ ବୋଲି ରେଞ୍ଜର ଦୁର୍ଯ୍ୟୋଧନ ଜେରେଇ କହିଛନ୍ତି । ଏହି ଚଢ଼ାଉରେ ଡେପୁଟି ରେଞ୍ଜର ମହେନ୍ଦ୍ର କୁମାର ସାହୁ, ଫରେଷ୍ଟର ମନ୍ମଥ ବେହେରା, ପୁଲିନ ବିହାରୀ ପ୍ରଧାନ, ରୋହିତ ନାୟକ ଫରେଷ୍ଟଗାର୍ଡ, ସୁରେନ୍ଦ୍ର କିଷାନ ପ୍ରମୁଖ ଉପସ୍ଥିତ ଥିଲେ।

# ସଫେଇ କଲେ ସାମାଜିକ କର୍ମୀ

ଅନୁଗୋଳ ଅଫିସ, ୧୭।୧୧

ଆମ ଅନୁଗୋଳ ଆମ ଗୌରବ ପକ୍ଷରୁ ଅନୁଗୋଳସ୍ଥିତ ନାରାୟଣ ସାଗର ପୋଖରୀ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ବିଭିନ୍ନ ପୂଜା ସମୟରେ ମୂର୍ତ୍ତି ବିସର୍ଜନ ଓ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଣ ଯୋଗୁ ଏହା ପ୍ରଦୂଷିତ ହୋଇଯାଇଥିଲା। ତେଣୁ ସଙ୍ଗଠନ ସଭାପତି ଚନ୍ଦ୍ରକାନ୍ତ ଧଳଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ରବିବାର ନାରାୟଣ ସାଗରର ଗାଧୁଆ ତୁଠ ସଫା କରିଥିଲେ। ସମ୍ପୂର୍ଣ୍ଣ ସଫେଇ ପାଇଁ ଅଧିକ ସମୟ ଆବଶ୍ୟକ ହେଉଥିବାରୁ ଏ ନେଇ ଅନ୍ୟ ଏକ ଦିନ ଧାର୍ଯ୍ୟ କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏଥିସହ ଅନୁଗୋଳକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ କରିବାର ଅଭିଯାନକୁ ସଙ୍ଗଠନର ପ୍ରତ୍ୟେକ କର୍ମୀ ନିଷ୍ଠାପର ଭାବେ କରିବେ ବୋଲି ସଭାପତି ଧଳ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଭୂପେଶ ଚନ୍ଦ୍ର ପ୍ରଧାନ, ଅମୀୟ ତ୍ରିପାଠୀ, ଅଶୋକ ମୋଦି, ସାଧାରଣ ସମ୍ପାଦକ ଗୋଲକ ଚନ୍ଦ୍ର ସାହୁ, ସଦସ୍ୟ ପ୍ରଶାନ୍ତ ବେହେରା, ରାଜକୁମାର ସାମଲ, ସନ୍ତୋଷ ନାଏକ, ଆଶିଷ ସାହୁ, ଦୀପକ ସାହୁ, ସୁର ସାହୁ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


ସାମାଜିକ କର୍ମୀମାନେ ସଫେଇ କରୁଛନ୍ତି।

# ଶିଶୁ ମନ୍ଦିରରେ ମାତୃ କର୍ମଶାଳା

ପବିତ୍ରନଗର, ୧୭।୧୧(ଡି.ଏନ୍.ଏ.)

କଣିହାଁ ବ୍ଲକ ପବିତ୍ରନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଶିଶୁ ବାଟିକାର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରାରମ୍ଭ ଓ ବୋଧ ଶ୍ରେଣୀର ଶିଶୁଙ୍କ ମା’ମାନେ ଯୋଗ ଦେଇଥିଲେ। ଏଥିରେ ସଙ୍କୁଳ ଶିଶୁ ବାଟିକା ପ୍ରମୁଖ ପ୍ରଶାନ୍ତ ପ୍ରଧାନ, ସମଲ ଶିଶୁ ମନ୍ଦିର ବାଟିକା ପ୍ରମୁଖ ରାଜଲକ୍ଷ୍ମୀ ଗଡନାୟକ ପ୍ରମୁଖ ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିଲେ। କର୍ମଶାଳାରେ ଶାରୀରିକ, କାହାଣୀ କଥନ, କାର୍ଯ୍ୟଶାଳା, ଭାଷାବିକାଶ, ପ୍ରତିଯୋଗିତା, ପ୍ରଦର୍ଶନୀ କକ୍ଷ ଆଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ହୃଦାନନ୍ଦ ପ୍ରଧାନ, ବିଦ୍ୟାଳୟ ବାଟିକା ପ୍ରମୁଖ ସୌଦାମିନୀ ସାହୁ, ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।

■ମହିଳା ମହାସଂଘ ଓ ବିଧାୟକଙ୍କ ବୈଠକ

# ସମସ୍ୟା ଜଣାଇଲେ, ଦାବିପତ୍ର ଦେଲେ

ଛେଣ୍ଡିପଦା, ୧୭।୧୧(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପଞ୍ଚାୟତ ସମିତି ସଭାଗୃହଠାରେ ରବିବାର ଅଲିଭା ପଞ୍ଚାୟତ ମହାସଂଘ ଓ ବିଧାୟକଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନାରୀ ସୁରକ୍ଷା ସମିତି ସହଭାଗିତାରେ ଆୟୋଜିତ ବୈଠକରେ ମହାସଂଘର ସଭାପତି ସୁଲୋଚନା ଖିଳାର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ନିଶା ସରପଞ୍ଚ ମାଳତି ବେହେରା, ଜରପଡା ସରପଞ୍ଚ ଭାନୁପ୍ରିୟା ପ୍ରଧାନ, ନାରୀସୁରକ୍ଷା ସମିତି ସମ୍ପାଦକ ସ୍ମିତାରାଣୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ମହିଳାଙ୍କ ସମସ୍ୟା ସମାଧାନ, ଦକ୍ଷତା ବୃଦ୍ଧି ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା। ପଞ୍ଚାୟତ, ବ୍ଲକ ଏବଂ ବିଭିନ୍ନ ଜନଗହଳି ସ୍ଥାନ ଗୁଡିକରେ ଶୌଚାଳୟର ବ୍ୟବସ୍ଥା, ସରପଞ୍ଚ ଓ ୱାର୍ଡମେମ୍ବରମାନଙ୍କ ମାସିକ ଗୌରବ ଭତ୍ତା ବୃଦ୍ଧି ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ଜନଗହଳି ସ୍ଥାନରେ ମହିଳାମାନଙ୍କ ନିମନ୍ତେ ଖୁବଶୀଘ୍ର ଶୌଚାଳୟ ନିର୍ମାଣ କରାଯିବା ସହିତ ହାଇମାଷ୍ଟ ଲାଇଟ ଯୋଗାଣର ବ୍ୟବସ୍ଥା କରାଯିବା ନିମନ୍ତେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ମହାସଂଘ ସମ୍ପାଦକ ତପସ୍ୱିନୀ ବେହେରା, ନାରୀ ସୁରକ୍ଷା ସମିତିର ସଂଯୋଜକ ଅଞ୍ଜନା ମହାକୁଡ ଓ ସୁରେଶ ନାୟକ ପ୍ରମୁଖ ସହଯୋଗ କରିଥିଲେ। ବୈଠକରେ ଅଲିଭା ମହାସଂଘର ୨ଶହରୁ ଊର୍ଦ୍ଧ୍ୱ ପଞ୍ଚାୟତ ପ୍ରତିନିଧିମାନେ ଯୋଗଦେଇଥିଲେ।



■ଶିକ୍ଷା ବିଭାଗ ପକ୍ଷରୁ ପେନ୍‌ସନ ଅଦାଲତ

# ୧୭ଜଣଙ୍କ ସମସ୍ୟା ସମାଧାନ ହେଲା

ଢେଙ୍କାନାଳ ଅଫିସ, ୧୭।୧୧

ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଢେଙ୍କାନାଳ ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ ପେନ୍‌ସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ ଶିକ୍ଷାଧିକାରୀ ଉପସ୍ଥିତ ଥିଲେ। ଅଦାଲତରେ ଜିଲାର ୭୪ଜଣ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ପେନ୍‌ସନ ଫଇସଲା ନିମନ୍ତେ ଡକାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୭ଜଣଙ୍କ ସମସ୍ୟା ସମାଧାନ କରାଯାଇଛି। ୮ଜଣଙ୍କ ଏକ ସପ୍ତାହ ମଧ୍ୟରେ, ୭ଜଣଙ୍କ ଦୁଇ ସପ୍ତାହ ମଧ୍ୟରେ ଓ ୨୯ଜଣଙ୍କ ୩ ସପ୍ତାହ ମଧ୍ୟରେ ପେନ୍‌ସନ ଫଇସଲା କରାଯିବାକୁ ସ୍ଥିର ହୋଇଛି। ଅନ୍ୟ ୧୩ଜଣଙ୍କ ପେନ୍‌ସନ ମାମଲା ବିଭିନ୍ନ ଅଦାଲତରେ ବିଚାରାଧୀନ ରହିଛି। ଏହାର ସମାଧାନ ପାଇଁ ଅଧିକ ସମୟ ଆବଶ୍ୟକ ଥିବା ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

ଅବସରପ୍ରାପ୍ତ କର୍ମଚାରୀଙ୍କୁ ଜିଆଇଏସ୍, ଫାଇନାଲ ଜିପିଏଫ୍, ଅନ୍‌ୟୁଟିଲାଇଜ୍ ଲିଭ୍ ସାଲାରି, ଗ୍ରାଚ୍ୟୁଇଟି, ପେନ୍‌ସନ ଆଦି ସୁବିଧା ମିଳିଥାଏ। ଏହି ପ୍ରାପ୍ୟ ଯେପରି ଅବିଳମ୍ବେ ପ୍ରଦାନ କରାଯିବ ସେହି ଉଦ୍ଦେଶ୍ୟରେ ଏହି ଅଦାଲତ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ଅବସରଗ୍ରହଣ କରିବା ଦିନ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ଲାଗି ଅବସରର ୬ମାସ ପୂର୍ବରୁ ଜଣେ କର୍ମଚାରୀ ନିଜର ଆବଶ୍ୟକ କାଗଜପତ୍ର କାର୍ଯ୍ୟାଳୟରେ ଦାଖଲ କରିବେ। ଏ ସମ୍ପର୍କିତ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।



## ସଂକ୍ଷେପରେ

### ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ଅନୁଗୋଳ ଅଫିସ, ୧୭।୧୧- ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅନ୍ତୁଳିଆ ଅଞ୍ଚଳର ପ୍ରତାପ ପ୍ରଧାନ(୩୫) ରବିବାର ପାରିବାରିକ କଳହକୁ କେନ୍ଦ୍ର କରି ଆତ୍ମହତ୍ୟା କରିଥିବା ଜଣାପଡିଛି। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାରୁ ପ୍ରକାଶ, ପ୍ରତାପ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ମତାନ୍ତର ହୋଇଥିଲା। ଏହାକୁ ନେଇ ପ୍ରତାପ ବିଷ ପିଇଦେଇଥିଲେ। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ବଇଣ୍ଡା,୧୭।୧୧(ଡି.ଏନ୍.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା କଟରଙ୍ଗା ଗ୍ରାମରେ ଶୁକ୍ରବାର ରାତିରେ ଏକ ଟ୍ରାକ୍ଟର ଓଲଟି ପଡ଼ିଛି। ଏଥିରେ ଟ୍ରାକ୍ଟର ଚାଳକ ପାପସରା ଗ୍ରାମର ଲମ୍ବୋଦର ପ୍ରଧାନଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ଟ୍ରାକ୍ଟରଟି (ନଂ.ଓଡ଼ି୧୯ଇ-୭୫୦୧) କଟରଙ୍ଗା ଅଭିମୁଖେ ଆସୁଥିବାବେଳେ ଚାଳକ ଭାରସାମ୍ୟ ହରାଇବାରୁ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଏଥିରେ ଲମ୍ବୋଦର ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏ ନେଇ ନଂ. ୨୦୪/୧୯ରେ ଏକ ମାମଲା ରୁଜୁ କରାଯାଇଛି।

### ଟ୍ରକ୍ ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା

ବନ୍ତଲା, ୧୭।୧୧(ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଲା ଥାନା ଛକରେ ଥିବା ହୋଟେଲ ସମ୍ମୁଖରେ ରବିବାର ସକାଳେ ଏକ ୪୦୭ ମିନିଟ୍ରକ୍ (ନଂ. ଓଆର ୧୯ କେ ୫୩୩୫) ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଏଥିଯୋଗୁ ଖୁଣ୍ଟଟି ଭାଙ୍ଗି ଯାଇଛି। ଟ୍ରକ୍‌ଟି ଖୁଣ୍ଟକୁ ଧକ୍କା ଦେବା ପରେ ନିକଟରେ ଥିବା ସାଇକେଲ ଓ ବାଇକ୍ ଉପରେ ମାଡ଼ି ଯାଇଥିଲା। ତେବେ ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡିଛି।

### ନତଡ଼ାରେ କାର୍ତ୍ତିକେୟ ପୂଜା



ବଇଣ୍ଡା,୧୭।୧୧(ଡି.ଏନ୍.ଏ.)- କିଶୋରନଗର ବ୍ଲକ ଧଡରପାଳ ପଞ୍ଚାୟତ ନତଡ଼ା ଗ୍ରାମରେ ରବିବାରଠାରୁ କାର୍ତ୍ତିକେୟ ପୂଜା ଆରମ୍ଭ ହୋଇଛି। ନିକଟସ୍ଥ ନାଳରୁ କଳସରେ ପାଣି ଆଣିବା ପରେ ପୂଜା ଆରମ୍ଭ ହୋଇଥିଲା। ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜା ମଣ୍ଡପଟି ଝଲସି ଉଠୁଛି। ପ୍ରତିବର୍ଷ ଏହି ପୂଜା ପାଳନ ହେଉଥିବାବେଳେ ମନୋରଞ୍ଜନ ପାଇଁ ଅପେରା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ପୂଜା କମିଟିର ପଦ୍ମଲୋଚନ ବାରିକ, ସତ୍ୟବସନ୍ତ ସାହୁ, ସୁଜିତ୍ ପ୍ରଧାନ, ଅକ୍ଷୟ କୁମାର ପ୍ରଧାନ, ଅଜିତ୍ କୁମାର ପ୍ରଧାନ, କମଳ ବେହେରାଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି।

### ବକ୍ତୃତାରେ ଶର୍ମିଷ୍ଠା ପ୍ରଥମ

ପାଲଲହଡ଼ା, ୧୭।୧୧(ଡି.ଏନ.ଏ.)- ରାଜ୍ୟ ଗଣଶିକ୍ଷା ବିଭାଗ ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମର ବକ୍ତୃତା ପ୍ରତିଯୋଗିତାରେ ପାଲଲହଡ଼ା ଉପଖଣ୍ଡ ସୁବର୍ଣ୍ଣପାଲି ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଶର୍ମିଷ୍ଠା ସାହୁ କୃତିତ୍ୱ ଅର୍ଜନ କରିଛନ୍ତି। ନବମ ଶ୍ରେଣୀ ଛାତ୍ରୀ ଶର୍ମିଷ୍ଠା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଶନିବାର ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସଫଳତା ପାଇଁ ଶର୍ମିଷ୍ଠାଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।



## ପେନ୍‌ସନ ଅଦାଲତ କାର୍ଯ୍ୟକ୍ରମ

# ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ଆହ୍ୱାନ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅବସର ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

ଅନୁଗୋଳ ଅଫିସ, ୧୭।୧୧

ଅନୁଗୋଳ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପେନ୍‌ସନ ଅଦାଲତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଚଳିତ ମାସରେ ଜିଲାରେ ବିଭିନ୍ନ ବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ସ୍ୱାଗତ କରିଥିଲେ। ଏଥିସହ ସେମାନେ ପରବର୍ତ୍ତୀ ସମୟରେ ଜିଲାରେ ଶିକ୍ଷା ବ୍ୟବସ୍ଥା ସହ ଯୋଡ଼ି ହୋଇ ଉନ୍ନତିମୂଳକ କାର୍ଯ୍ୟରେ ନିଜକୁ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତା ତଥା ପେନ୍‌ସନ ଦାୟିତ୍ୱରେ ଥିବା ଗତିକୃଷ୍ଣ ସାହୁଙ୍କ ସହଯୋଗରେ ୭ ଜଣଙ୍କୁ ପ୍ରୋଭିଜନାଲ ପେନ୍‌ସନ ଅର୍ଥ ପ୍ରଦାନ କରାଯାଇଛି। ଏଥିରେ ଉରୁକୂଳ ପଞ୍ଚାୟତ ବିଦ୍ୟାଳୟର ନିଶାମଣି ଦାସ, ପିଟିସି ଉଚ୍ଚ ବିଦ୍ୟାଳୟର କାହ୍ନୁଚରଣ ଦାସ, ତଳମୂଳ ଉଚ୍ଚ ବିଦ୍ୟାଳୟର ବିଷ୍ଣୁଚରଣ ଦାସ, ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ରେଣୁବାଳା ରାଉତ, ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟର ବିଜୟାଲକ୍ଷ୍ମୀ ଭଞ୍ଜ, କଳାପାଟ ଉଚ୍ଚ ବିଦ୍ୟାଳୟର ଯତିନ୍ଦ୍ର କୁମାର ପ୍ରଧାନ, ତଳଗଡ଼ ସହକାରୀ ଶିକ୍ଷକ ତଥା ପିଅନ ଧୋବେଇ ଚନ୍ଦ୍ର ପ୍ରଧାନ (ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ବଡ଼ଗୁଣ୍ଡୁରୀ) ପେନସନ୍ ଗ୍ରହଣ କରିଥିଲେ। ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା ପରିଚାଳନା କରିଥିବାବେଳେ ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଭାଉଜଙ୍କ ତଣ୍ଟି କାଟି ହତ୍ୟା ଉଦ୍ୟମ, ଦିଅର ଗିରଫ

ପାଟଣା,୧୭।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଭାଉଜଙ୍କ ତଣ୍ଟି କାଟି ଜଣେ ଯୁବକ ହତ୍ୟା ଉଦ୍ୟମ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମଦ ପାଇଁ କଳିର ପରିଣତି କେତେ କରୁଣ ହୋଇପାରେ ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ପାଟଣା ଥାନା ଅନ୍ତର୍ଗତ ଗାଲଫୁଲା ଗ୍ରାମର କୃଷ୍ଣ ନାଏକଙ୍କ ପରିବାର ସହ ତାଙ୍କ ସମ୍ପର୍କୀୟ ଭାଉଜ ରତ୍ନମଣୀଙ୍କ ପରିବାର ମଧ୍ୟରେ ସୁସମ୍ପର୍କ ଥିଲା। ଶନିବାର ରାତିରେ ଉଭୟ ପରିବାରର ୨ ପିଲା ଏକାଠି ମଦ ପିଇଥିଲେ। ଏହା ପରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଝଗଡ଼ା ଲାଗିଥିଲା। ଏଥିରେ ଉତକ୍ଷିପ୍ତ ହୋଇ କୃଷ୍ଣ ଏକ ବ୍ଲେଡରେ ରତ୍ନମଣୀଙ୍କ ତଣ୍ଟିକୁ କାଟି ପକାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ପାଟଣା ଥାନାରେ ଏକ ମାମଲା (ନଂ.୧୭୯/୧୯) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସନ୍ଧ୍ୟା ରାଣୀ ଜେନା କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : dklselfie@gmail.com



@ ସଞ୍ଜୟ



@ ସୁଦାମ

## ଗୀତା ଆବୃତ୍ତି ପ୍ରତିଯୋଗିତା

# ୧୫ ଜଣ ରାଜ୍ୟସ୍ତରକୁ ମନୋନୀତ



ଅତିଥିଙ୍କ ସହ ଗୀତା ଆବୃତ୍ତି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନେ।

ଅନୁଗୋଳ ଅଫିସ, ୧୭।୧୧

ଅନୁଗୋଳର ପ୍ରଜ୍ଞାନ ମିଶନ ପକ୍ଷରୁ ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ସ୍ଥାନୀୟ ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିନ୍ମୟ ମିଶନ ଅନୁଗୋଳ ଶାଖାର ଅଧ୍ୟକ୍ଷା ଆମ୍ବିକାନନ୍ଦ ସରସ୍ୱତୀ ମୁଖ୍ୟଅତିଥି, ସଭାପତି ଦିଗମ୍ବର ନନ୍ଦ, ପ୍ରଜ୍ଞାନମିଶନର ସମ୍ପାଦକ ଅନିର୍ବାଣା ନନ୍ଦଗିରି ମୁଖ୍ୟବକ୍ତା ଓ ଡ. ସିଦ୍ଧଚରଣ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବ୍ଲକର ୭୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିସହ ଡିସେମ୍ବର ୨୮ ଓ ୨୯ ତାରିଖରେ ୧୫ ଜଣ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଅପରାହ୍ନ ବୈଠକରେ ରୋଟାରି ପବ୍ଲିକ ସ୍କୁଲର ଅଧ୍ୟକ୍ଷ କଳିଙ୍ଗ କେଦାର କମଳାପତି କ୍ରିଷ୍ଣସଖାମୂର୍ତ୍ତୀ ଓ ସାମାଜିକକର୍ମୀ ରାକେଶ ରୋଶନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବ୍ଲକ ସ୍ତରରେ ବିଚାରକ ଥିବା ୧୨ ଜଣ ବିଚାରକ ବିଭିନ୍ନ ବ୍ଲକରୁ ଆସି ନିରୀକ୍ଷଣ କାର୍ଯ୍ୟ କରିଥିଲେ। ପ୍ରଜ୍ଞାନ ମିଶନ ପକ୍ଷରୁ ମନୋଜ ଅଗ୍ରୱାଲା, ଜଗନ୍ନାଥ ବିଶ୍ୱାଳ, ଦିଲୀପ କୁମାର ସାହୁ, ଶାନ୍ତନୁ କୁମାର ସାହୁ, କୀର୍ତ୍ତନ ବେହେରା, ମନୋଜ ସାହୁ, ବୀରେନ୍ ଭାଇ ଓ ଅରିନ୍ଦମ ଦାସ ପ୍ରମୁଖ ସହଯୋଗ କରିଥିଲେ। ରୋଟାରି ପବ୍ଲିକ ସ୍କୁଲର ଶିକ୍ଷକ ଦୁଷ୍ମନ୍ତ କୁମାର ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

ଅନୁଗୋଳ ଅଫିସ, ୧୭।୧୧

ଦୁର୍ଘଟଣାରେ ଗୁରୁତର ହୋଇ ମେଡିକାଲ ଯିବା ରାସ୍ତାରେ ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଝାଡୁବାରେଣୀ ଗ୍ରାମର ସୌଭାଗ୍ୟ ଦେହୁରୀ(୨୦)ଙ୍କ ରବିବାର ମୃତ୍ୟୁ ଘଟିଛି। ଶନିବାର ସନ୍ଧ୍ୟାରେ ସୌଭାଗ୍ୟ ଗ୍ୟାରେଜରୁ କାମ ସାରି ଘରକୁ ବାଇକ ଯୋଗେ ଫେରୁଥିବାବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ତାଳଚେରର ବହ୍ଲରସ୍ଥିତ ଏକ ଘରୋଇ ମେଡିକାଲକୁ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ରବିବାର କଟକ ମେଡିକାଲ ନେବା ବାଟରେ ସୌଭାଗ୍ୟଙ୍କ ମୃତ୍ୟୁ ହୋଇଥିଲା।

## ମା’ ବାପାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୭।୧୧(ଡି.ଏନ୍.ଏ.)

କିଶୋରନଗର ଥାନା ଚିନ୍ତାମଣିପୁର ଗ୍ରାମର ମା’ ମୀନତି ପ୍ରଧାନ ଓ ବାପା ସତ୍ୟ ପ୍ରଧାନଙ୍କୁ ତାଙ୍କ ପୁଅ ନଗେନ ପ୍ରଧାନ ମାଡ଼ ମାରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୩୯/୧୯ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ନଗେନ ଘରେ ଗଣ୍ଡଗୋଳ କରୁଥିବାବେଳେ ପ୍ରତିବାଦ କରିବାରୁ ସେ ମାଡ଼ ମାରୁଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ନିରପେକ୍ଷ ଖବର ପରିବେଷଣକୁ ଗୁରୁତ୍ୱ



ଅତିଥି ଓ ସଂଘ ସଦସ୍ୟଙ୍କ ସହ ଉତ୍କଳ କରାଟେ ସ୍କୁଲର ପିଲାମାନେ।

ବଆଁରପାଳ, ୧୭।୧୧(ଡି.ଏନ.ଏ.)

ନାଲ୍‌କୋ ବଆଁରପାଳ ସାମ୍ବାଦିକ ସଂଘ ତରଫରୁ ନାଲ୍‌କୋ କମ୍ୟୁନିଟି ସେଣ୍ଟରଠାରେ ଶନିବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଇଷ୍ଟେଟ ଅଫିସର ମଣିରଞ୍ଜନ ପଟ୍ଟନାୟକ, ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର କାର୍ଯ୍ୟକାରୀ ସଦସ୍ୟ ବିଭବ ଜେନା ଏବଂ ଅବସରପ୍ରାପ୍ତ ଏଜିଏମ ପ୍ରସନ୍ନ କୁମାର ମିଶ୍ର ମଞ୍ଚାସୀନ ଥିଲେ। ସଭାପତି ଉପେନ୍ଦ୍ର କୁମାର ରାଉତ ସଭା ପରିଚାଳନା କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ମିଶ୍ର ଅତିଥି ପରିଚୟ ଦେଇଥିଲେ। ଖବରଦାତାମାନେ ଏକଜୁଟ ହୋଇ ନିରପେକ୍ଷ ଖବର ପରିବେଷଣ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସଂଘ ସଦସ୍ୟ ଶଶାଙ୍କ ଶେଖର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟବାନ ଦାସ, ନିରଞ୍ଜନ ନାଏକ, ଅଶୋକ ଜେନା, ସମୀର ସାହୁ, ଜଗନ୍ନାଥ ବେହେରା, ନିପୁ ଭୂତିଆ, ରଞ୍ଜିତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଦୃଷ୍ଟିହୀନ ନକୁଳ ବିଦ୍ୟାଳୟ ଏବଂ ବଳରାମ ପ୍ରସାଦ ବାଳାଶ୍ରମକୁ ଯାଇ ଖାଦ୍ୟ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ କରାଟେ ସ୍କୁଲର ଶିକ୍ଷକ ଜୟଦେବ ପଟ୍ଟନାୟକ ଏବଂ ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କ ଦାବି ଉପରେ ଆଲୋଚନା




ବିଦ୍ୟୁତ୍ କର୍ମଚାରୀ ମହାସଂଘର ବୈଠକ।

ତାଳଚେର,୧୭।୧୧(ନି.ପ୍ର.)

ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ତାଳଚେର ଶାଖାର ଏକ ବୈଠକ ରବିବାର ସାଉଥ୍‌ବଲଣ୍ଡାସ୍ଥିତ ସେସୁ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପଙ୍କଜ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉପସଭାପତି ମଳୟ ନନ୍ଦ, ମୁଖ୍ୟବକ୍ତା ଭାବେ ସାଧାରଣ ସମ୍ପାଦକ ଅମର କୁମାର ପ୍ରତାପ ସିଂହ ଯୋଗ ଦେଇଥିଲେ। କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ଉପରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। ସମସ୍ତ କର୍ମଚାରୀ ସଂଘବଦ୍ଧ ଭାବେ କାମ କରିବା ସହ ହକ୍ ପାଇଁ ଲଢ଼େଇ କରିବାକୁ ପ୍ରସ୍ତୁତ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍କଲ ସମ୍ପାଦକ ପ୍ରାଣବନ୍ଧୁ ମହାନ୍ତି, ମୃତ୍ୟୁଞ୍ଜୟ ପ୍ରଧାନ, ସରୋଜ କୁମାର ସିଂହ ସାମନ୍ତ ଯୋଗଦେଇ ମତାମତ ରଖିଥିଲେ। ପରେ ୨୦୨୦ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିକାଶ ସାହୁଙ୍କୁ ଡିଭିଜନ ସମ୍ପାଦକ ଭାବେ ପୁନଃ ମନୋନୀତ କରାଯାଇଥିଲା। ଫଣିଭୂଷଣ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ଧୁମ୍‌ଧାମରେ ସରିଲା କାର୍ତ୍ତିକେଶ୍ୱର ଭସାଣି

# ଶୋଭାଯାତ୍ରାରେ ଗଲା ୧୫ ମେଢ଼

ତାଳଚେର,୧୭।୧୧(ନି.ପ୍ର.)

ତାଳଚେର ସହରରେ ଅନୁଷ୍ଠିତ କାର୍ତ୍ତିକେଶ୍ୱର ପୂଜାର ଭସାଣି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ବଡ଼ଦାଣ୍ଡସାହି ମେଳଣ ପଡିଆରେ ଏକ ସଭାର ଆୟୋଜନ କରାଯାଇଥିଲା। କାର୍ତ୍ତିକେଶ୍ୱରଙ୍କ ଆଙ୍କାମାଳ ଓ ଲଡୁକୁ ସାଧାରଣରେ ନିଲାମ କରାଯାଇଥିଲା। ଚଳିତବର୍ଷ ଲାଲବାଗ ରାଜା ସର୍ବାଧିକ ନିଲାମ ଡାକି ୫୧ ହଜାର ଟଙ୍କାରେ ଏହି ଆଙ୍କାମାଳ ଓ ଲଡୁ ନେଇଥିଲେ। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା ଯୋଗ ଦେଇଥିଲେ। ପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ କରିଥିବାରୁ ଅତିଥିମାନେ ପୂଜା କମିଟି ଗୁଡିକୁ ସାଧୁବାଦ ଜଣାଇଥିଲେ। ପୂଜା କମିଟି ସଭାପତି ଦେବୀ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ପ୍ରକାଶ ମହାରଣା ବିବରଣୀ ପାଠ ଓ ଉପଦେଷ୍ଟା ଦୀପକ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗଳ ରାୟ, ରଶ୍ମିରଞ୍ଜନ ମିଶ୍ର, ଜୟନ୍ତ ଭୂତିଆ, କେଶବ ଭୂତିଆ, ଧୀରେନ ଶତପଥୀ, ବଳରାମ କୁଣ୍ଡ, ଦୟାସାଗର ମିଶ୍ର, ସଞ୍ଜୟ ମହାପାତ୍ର, ସିଦ୍ଧେଶ୍ୱର କୁଅଁର ପ୍ରମୁଖ ସହଯୋଗ କରିଥିଲେ। ଚଳିତବର୍ଷ ୨୨ଟି ମଣ୍ଡପରେ କାର୍ତ୍ତିକେଶ୍ୱର ପୂଜା ହୋଇଥିବା ବେଳେ ଭସାଣି ଶୋଭାଯାତ୍ରାରେ ୧୫ଟି ମେଢ ସାମିଲ ହୋଇଥିଲା। କ୍ରମିକ ନମ୍ବର ଅନୁସାରେ ମେଳଣ ପଡିଆରେ ମେଢ଼ଗୁଡ଼ିକ ଏକତ୍ରିତ ହେବା ପରେ ଶୋଭାଯାତ୍ରାରେ ସହର ପରିକ୍ରମା କରି ବିସର୍ଜନ ପାଇଁ ବହାରିଥିଲେ। ବିଭିନ୍ନ ପ୍ରକାର ବାଜା, ଘଣ୍ଟୁଆ ଦଳ, ମାଦଳବାଜା, ଆଦିବାସୀ ନୃତ୍ୟ ସହ ପାରମ୍ପରିକ ଲୋକନୃତ୍ୟ ଓ ଗୀତରେ ସହର ଦୁଲୁକି ଉଠିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭସାଣି ଉତ୍ସବ ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।









ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ସୋମବାର, ନଭେମ୍ବର ୧୮/୨୦୧୯ Dhenkanal, Monday , November 18 / 2019

## ସଂକ୍ଷେପରେ

### ଶିକାରୀ ଗିରଫ, ୯ କେଜି ତାର ଜବତ



ଛେଣ୍ଡିପଦା,୧୭।୧୧(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ତେଣ୍ଟୁଲୋଇ ପଞ୍ଚାୟତ ଗୋପୀନାଥପୁର ଗ୍ରାମ ନିକଟସ୍ଥ ଧାନ କ୍ଷେତ ମଧ୍ୟରୁ ୯ କେଜି ଜିଆଇ ତାର ଜବତ ସହ ଜଣେ ଶିକାରୀଙ୍କୁ ରବିବାର ସକାଳେ ଗିରଫ କରାଯାଇଛି। ସେ ହେଲେ କୁକୁରପେଟାର ଦେବାନନ୍ଦ ପଧାନ। ବନ ବିଭାଗ ସୂତ୍ରରୁ ପ୍ରକାଶ, ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ଗୋପୀନାଥପୁର ଗ୍ରାମ ନିକଟସ୍ଥ କାଜୁ ବଗିଚା ତଳେ ୬ ଜଣ ଯୁବକ ତାର ବିଛାଉଥିବା ଖବରପାଇ ବନାଞ୍ଚଳ ଅଧିକାରୀ ମନମୋହନ ସ୍ୱାଇଁ ଓ ବିଭାଗୀୟ କର୍ମଚାରୀମାନେ ଚଢ଼ାଉ କରିଥିଲେ। ସେଠାରୁ ୫ ଜଣ ଫେରାର ହୋଇଯାଇଥିବାବେଳେ ଦେବାନନ୍ଦ ଧରା ପଡିଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

### ଗାଡ଼ିମୋଟର ଯାଞ୍ଚ

ବଇଣ୍ଡା,୧୭।୧୧(ଡି.ଏନ୍.ଏ.)-କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ହଣ୍ଡପା ଥାନା ନିକଟରେ ରବିବାର ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ଗାଡ଼ିଗୁଡ଼ିକୁ ଅଟକାଇ କାଗଜପତ୍ର, ହେଲମେଟ ଆଦି ଯାଞ୍ଚ କରାଯାଇଥିଲା। ଏଥିରେ ୧୦ଟି ମାମଲା ରୁଜୁ କରାଯାଇ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ହଣ୍ଡପା ଥାନା ଏଏସଆଇ କୁନି ବାରିକ ଯାଞ୍ଚ କରିଥିଲେ।

# 'ଖବରଦାତାଙ୍କ ପ୍ରତି ଜନ ସମର୍ଥନ ରହୁ'

ତାଳଚେର,୧୭।୧୧(ନି.ପ୍ର.)



ତାଳଚେର ୱାର୍କିଂ ଜର୍ନାଲିଷ୍ଟସ ଆସୋସିଏଶନ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ଓ ଫୋର୍ଥ ପିଲାର ଆୱାର୍ଡ ପ୍ରଦାନ ଉତ୍ସବ ସ୍ଥାନୀୟ ପ୍ରଜାମଣ୍ଡଳ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଗଣମାଧ୍ୟମର ଭୂମିକା' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଧୀରମୋହନ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଖବରଦାତାଙ୍କ ପ୍ରତି ଜନସାଧାରଣଙ୍କ ସମର୍ଥନ ରହିଲେ ସମାଜର ମଙ୍ଗଳ ସାଧନ ହୋଇପାରିବ ବୋଲି କହିଥିଲେ। ବିଶେଷ ଅତିଥିଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ ଶିଳ୍ପାୟନ ନାମରେ ସବୁଜିମା କ୍ଷୟ ସହିତ ଦିନକୁ ଦିନ ଭାଇଚାରା ଭାବ କମି କମି ଯାଉଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସତ୍ୟ ନାରାୟଣ ମିଶ୍ର, ସୁବ୍ରତ ପତି, ସଂଗ୍ରାମ ଦାସ, ସୂର୍ଯ୍ୟମଣି ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ପ୍ରତିଭାଙ୍କୁ ଫୋର୍ଥ ପିଲାର ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ସଂଘ ଉପସଭାପତି ଅଜୟ କୁମାର ନାୟକ, କୋଷାଧ୍ୟକ୍ଷ ସଞ୍ଜୟ ଦଳେଇ, ମଦନ ମୋହନ ସାହୁ, ସହସମ୍ପାଦକ ରୁଦ୍ର ମୋହନ ଗଡ଼ନାୟକ, ବାପୁଜୀ ସାମଲ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ପ୍ରଦୀପ ମହାରଣାଙ୍କ ଅଧ୍ୟକ୍ଷତାରେ ବାଇପାସ ଛକ ସ୍ଥିତ ଏକ ହୋଟେଲ୍‌ରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଥିଲା ବେଳେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ମନୋଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜାତୀୟ ପ୍ରେସ୍ ଦିବସରେ ଏମ୍‌ପି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

# ଚିତ୍ରାଙ୍କନ ପ୍ରତିଯୋଗିତାରେ ୪୫ ପ୍ରତିଯୋଗୀ

ଅନୁଗୋଳ ଅଫିସ, ୧୭।୧୧

ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଉପଲକ୍ଷେ ଅମଲାପଡାସ୍ଥିତ ସମର୍ପଣ ଏକାଡେମୀଠାରେ ଚିତ୍ରାଙ୍କନ, ପ୍ରବନ୍ଧ ଓ ସାଧାରଣ ଜ୍ଞାନ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନବକୃଷ୍ଣ ଚୌଧୁରୀ ଓ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ଏହି ପ୍ରତିଯୋଗିତା ଆଧାରିତ ଥିଲା। ଏଥିରେ ୪୫ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଆସନ୍ତା ୨୩ରେ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଦିବସରେ ଏକ ସାଧାରଣ ସଭା ଓ ତାଙ୍କ ଜୀବନୀ ଉପରେ ଆଧାରିତ ଫଟୋଚିତ୍ର ପ୍ରଦର୍ଶିତ ହେବାସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯିବ। କାର୍ଯ୍ୟକ୍ରମକୁ



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

ସାମାଜିକକର୍ମୀ ନିରୋଧ କୁମାର ସାହୁ, ଆଦ୍ୟାଶ୍ଳୋକ ମିଶ୍ର, ପ୍ରତାପ ମହାପାତ୍ର, ବିଶ୍ୱଜିତ ବିଶ୍ୱାଳ ପରିଚାଳନା କରୁଥିଲେ। ବିଚାରକ ଭାବେ ପ୍ରାଧାପକ ବିଶ୍ୱରଞ୍ଜନ ପ୍ରଧାନ, ବିଶ୍ୱରଞ୍ଜନ ପଟ୍ଟନାୟକ ଓ ବିଦ୍ୟାଧର ନାୟକ ସହଯୋଗ କରିଥିଲେ।

### ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଛେଣ୍ଡିପଦା,୧୭।୧୧(ସ୍ୱ.ପ୍ର.)

ପାରିବାରିକ କଳହକୁ କେନ୍ଦ୍ରକରି ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଗଡିଆ ଗ୍ରାମର ଟେଙ୍କାରୁ ଗୋଚ୍ଛାୟତ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡିଛି। ଘଟଣାରୁ ପ୍ରକାଶ, ଘରୋଇ ଝଗଡାକୁ କେନ୍ଦ୍ର କରି ଟେଙ୍କାରୁ ଘରୁ ଦୌଡି ପଳାଇ ଯାଇଥିଲେ। ତାଙ୍କ ସ୍ତ୍ରୀ ପଛେପଛେ ଯାଇଥିଲେ। ବାଗଡିଆ ମେଡିକାଲ ନିକଟସ୍ଥ ଦୋଳବନ୍ଧ ପୋଖରୀ ହୁଡାରେ ଥିବା ବରଗଛରେ ଟେଙ୍କାରୁ ରଶି ଲଗାଇ ଝୁଲିପଡିଥିଲେ। ତାଙ୍କ ସ୍ତ୍ରୀ ସ୍ଥାନୀୟ ଲୋକମାନଙ୍କୁ ଡାକି ଟେଙ୍କାରୁଙ୍କୁ ଉଦ୍ଧାର କରି ବାଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଶିକାରୀ ରଖିଥିବା ଗୋଳା ଖାଇ ବଳଦ ଗୁରୁତର

ଛେଣ୍ଡିପଦା,୧୭।୧୧(ସ୍ୱ.ପ୍ର.)

ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ରଖାଯାଇଥିବା ବିସ୍ଫୋରକ ଗୋଳା ଖାଇ ରବିବାର ଏକ ବଳଦ ଗୁରୁତର ହୋଇଛି। ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡା ବନାଞ୍ଚଳ ଅନ୍ତର୍ଗତ ତେଣ୍ଟୁଲୋଇ କୋଡାସାହି ପଞ୍ଚାୟତ ବାଲିଝରଣ ଗ୍ରାମର ହେମନ୍ତ ବାରିକଙ୍କ ବଳଦ ଏକ ଧାନ ବିଲରେ ଚରୁଥିବାବେଳେ ଶିକାର ପାଇଁ ରଖାଯାଇଥିବା ବାରୁଦ ଗୋଳାକୁ ଖାଇଦେଇଥିଲା। ଏଥିଯୋଗୁ ବଳଦର ପାଟି ଗଭୀର ଭାବେ କ୍ଷତ ହୋଇଛି। ପ୍ରାଣୀଧନ ନିରୀକ୍ଷକ ଏହାର ଚିକିତ୍ସା କରିଛନ୍ତି। ବନ ବିଭାଗ କ୍ଷତିପୂରଣ ପ୍ରଦାନ କରିବା ସହ ଶିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୨୫ରୁ କଣିହାଁ ପୁସ୍ତକ ମେଳା



ବିଜିଗୋଳ ରାମ ମନ୍ଦିରଠାରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ।

କଣିହାଁ,୧୭।୧୧(ଡି.ଏନ୍.ଏ.)

କଣିହାଁ ପୁସ୍ତକ ମେଳା ଓ ଲୋକ ମହୋତ୍ସବ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ରବିବାର ବିଜିଗୋଳ ରାମ ମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା। ପୁସ୍ତକ ମେଳା କମିଟି ଓ ପବିତ୍ରମୋହନ ନାଗରିକ ମଞ୍ଚ ତରଫରୁ ଗତବର୍ଷ ପରି ଏବର୍ଷ ମଧ୍ୟ ପୁସ୍ତକ ମେଳା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଆୟୋଜକ କମିଟିର କାର୍ଯ୍ୟକର୍ତ୍ତା ଓ ସହଯୋଗୀ ପ୍ରହ୍ଲାଦ ପାଣି, ମନୋଜ ଶତପଥୀ, ନୀଳମଣି ପ୍ରଧାନ, ସନ୍ତୋଷ ପାଣି, ମଦନମୋହନ ମହାନ୍ତି, କଳାକାର ବେହେରା, ଅବନୀ ପାଣି, ଲାଲୁ ଭାଇ, ରଞ୍ଜନ ମିଶ୍ର, ଜ୍ୟୋତି ଧର, ଟୁନା ସାହୁ, ସତ୍ୟାନନ୍ଦ ପ୍ରଧାନ, ସୁନୀଲ ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ। ଆସନ୍ତା ୨୫ରୁ ଡିସେମ୍ବର ୩ ପର୍ଯ୍ୟନ୍ତ ଉତ୍ସବ ଚାଲିବ। ଏହି ଉତ୍ସବରେ ନେତା, ମନ୍ତ୍ରୀ, ସାମାଜିକ କର୍ମୀ, ସାହିତ୍ୟିକ, ପ୍ରଶାସକମାନେ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପରେ କମିଟି ସମ୍ପାଦକ ଆୟବ୍ୟୟର ହିସାବ ରଖିଥିଲେ। ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବକେୟା ଅର୍ଥ ଆଦାୟ ହୋଇପାରି ନ ଥିବାରୁ ଆୟୋଜକ କମିଟି କ୍ଷତି ସହି ଚାଲିଛି ବୋଲି କହିଥିଲେ। ଚଳିତ ବର୍ଷ ବହୁ ଜାକ ଜମକରେ ଉତ୍ସବ ପାଇଁ ଅନେକ କର୍ପୋରେଟ ସଂସ୍ଥା ସହଯୋଗୀ ଓ ଜନସାଧାରଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେମାନଙ୍କ ସହଯୋଗ ସହିତ ଅନ୍ୟାନ୍ୟ ବଦାନ୍ୟ ଅନୁଷ୍ଠାନ ସହଯୋଗ ପାଇଁ କମିଟି ତରଫରୁ ଅନୁରୋଧ କରାଯାଇଛି।

# ଟ୍ରେନ୍‌ରେ କଟି ଯୁବକ ମୃତ

ଛେଣ୍ଡିପଦା,୧୭।୧୧(ସ୍ୱ.ପ୍ର.)

ଅନୁଗୋଳ ଜିଲା ଜରପଡା ଥାନା ସଦାନନ୍ଦପୁର ଦେଇ ଯାଇଥିବା ଅନୁଗୋଳ-ସମ୍ବଲପୁର ଟ୍ରେନ୍ ଲାଇନରେ ଜଣେ ଯୁବକ ରବିବାର ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ଜରଡା ଗ୍ରାମର ରମାକାନ୍ତ ଦାଶ। ମଧ୍ୟାହ୍ନରେ ଖବରପାଇ ଜରପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଛି। ଏ ନେଇ ଜରପଡା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ